# ତହସିଲଦାରଙ୍କ କାର୍ଯ୍ୟାଳୟ, ପାତ୍ରପୁର (ଗଞ୍ଜାମ)

ପତ୍ର ସଂଖ୍ୟା........234../ସଇରାତ ତା...16.1.19...

## ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦି ଲିଜ୍ ନିମନ୍ତେ ବିଜ୍ଞାପନ

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି-୨୦୧୬ ଅନୁଯାୟୀ)

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ-୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ (ସଂଶୋଧନ) ଆଇନ-୨୦୧୭ ଅନୁଯାୟୀ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଓଡିଶା ସରକାରଙ୍କର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ପାତ୍ରପୁର ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ (Annexure-1) ଲଘୁ ଖଣିଜ ଦ୍ରବ୍ୟ ସୈରାତ ଉତ୍ସ ଗୁଡିକୁ ଅନ୍ୟୁନ ୫ ବର୍ଷ ନିମନ୍ତେ (୨୦୧୮-୧୯) ଠାରୁ ୨୦୨୩-୨୦୨୪) ପର୍ଯ୍ୟନ୍ତ ଦୀର୍ଘ ମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ପ୍ରକାଶ ଥାଉକି ଲିଜରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଂଛନୀୟ । ଲିଜ ନେବା ପରେ ସୈରାତ୍ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତିମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ଆଇନ ୨୦୧୬ ବର୍ଣ୍ଣିତ ତିନିକତା Form-M ପୂରଣ କରି ତତ୍ ସହିତ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଦାଖଲ କରିବା ହେବେ ।

୧.ଦରଖାସ୍ତ ଫି ବାବଦକୁ ଟ. ୧୦୦୦/- (ଏକ ହଜାର) ଟଙ୍କା ଟ୍ରେଜେରୀରେ ଚାଲାଣ, (Head of Account-0853-Non-Ferrous Mining and Metallurgical Industries-102-Mineral Concession Fees, rents and Royalities) ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨.ଉତ୍ସର ନାମ, ତଫସିଲ ଓ ସରହଦର ବିବରଣୀ ସଂଲଗ୍ନ କରିବା ହେବେ ।

୩.ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।

ଓଲଟାନ୍ତୁ ...ପୃ-୨

୪.ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣର ଏକ ଶୋଧକ୍ଷମ ପ୍ରମାଣ ପତ୍ର (Solvency Certificate) କିମ୍ବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) (ଯାହାର ଅବଧି ଅନ୍ତତଃ ୦୬ ମାସ ହେବା ଆବଶ୍ୟକ) (Requisite Extent of Solvency=Minimum Guaranteed Quantity/Bank Guarntee x (offered Additional Charge+ Royality)

୫.ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲିଟିର ଶତକଡା ୫ ଭାଗ EMD (Earnest Money deposit) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକକୃତ ବା Pledged ବ୍ୟାଙ୍କ Draft ମାଧ୍ୟମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୬.ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତି ତାଲିକା, ଯଦି ଦରଖାସ୍ତକାରୀ ଚାହାନ୍ତି ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।

୭.ଗତ ବର୍ଷର ଆୟକର ଦାଖଲ (Income Tax Return Filing) ବିବରଣୀର ନକଲ ।

୮.ଆବେଦନକାରୀଙ୍କ PAN Card ର ନକଲ ।

୯.*ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବେ ଉଲ୍ଲେଖ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।*

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ-ଦିଆ ଲଫାପାରେ ରେଜିଷ୍ଟ୍ରି ଡାକ ଯୋଗେ ନିମ୍ନ ଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦା-ଦିଆ Tender Box ରେ ତା ୧୭.୦୧.୨୦୧୯ ରିଖ ଠାରୁ ତା ୨୪.୦୧.୨୦୧୯ ରିଖ ଅପରାହ୍ନ ୨ ଘଟିକା ସୁଦ୍ଧା ଯେକୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଂଟ ପରିଧି ମଧରେ ପକାଇବା ଆବଶ୍ୟକ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ । ଉକ୍ତ ଦିନ ଅର୍ଥାତ ତା <u>୨୪.୦୧.୨୦୧୯ ଅପରାହ୍ନ</u> ୩.୩୦ ଘଟିକା ସମୟରେ ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ Tender Box ଖୋଲାଯାଇ ଗ୍ରହଣ କରାଯାଇ ଚୁଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ ।

ଓଲଟାନ୍ତୁ ...ପୃ-୩

ଠିକଣା

ତହସିଲଦାରଙ୍କ କାର୍ଯ୍ୟାଳୟ, ପାତ୍ରପୁର

ଗ୍ରା/ପୋଷ୍ଟ : ପାତ୍ରପୁର, ଜିଲ୍ଲା- ଗଞ୍ଜାମ (ଓଡିଶା)ପିନ୍-୭୬୧୦୦୪

ଆବେଦିତ ଦରଖାସ୍ତ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge) ଦର୍ଶାଇଥିବା ପତ୍ରକୁ ଯୋଗ୍ୟ ବିବେଚିତ କରାଯିବ ।

ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ରୟାଲିଟି ଉପରେ ସମାନ ମୂଲ୍ୟର ଅତିରିକ୍ତ ଦେୟ ଦର୍ଶାଇ ଥାଆନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ । ଆବେଦନକାରୀ ପ୍ରାଧିକୃତ ଅଧିକାରୀଙ୍କ (Competent Authority) ଦ୍ୱାରା ଧାର୍ଯ୍ୟ ହୋଇଥିବା ରୟାଲିଟି ମୂଲ୍ୟ ଏବଂ Steel & Mines Department. Govt. of Odisha ଚିଠି ନଂ ୪୫୦୪ ତା ୨୧.୦୫.୨୦୧୬ ଏବଂOMMC Rules-୨୦୧୬ ନିର୍ଦ୍ଦେଶ ପ୍ରକାରେ ଆବେଦନକାରୀ ଅତିରିକ୍ତ ଦେୟର ପରିମାଣ ରୟାଲିଟି ମୂଲ୍ୟର ଶତକଡା ୫ ଠାରୁ କମ୍ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ ।

ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟର ୭ ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମ F ରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ ଦିନ ମଧ୍ୟରେ ମନୋନୀତ ଆବେଦନକାରୀ ସର୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି ଦେୟ (Security Deposit) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ପରିମାଣ MGQ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲିଟି ଏବଂ ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମାକରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ସହିତ ଅମାନତ ରାଶି (Security Deposit) ଭାବେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି, ତାହେଲେ ଇଚ୍ଛୁକ ବ୍ୟକ୍ତିମାନେ ତା ୨୫.୦୧.୨୦୧୯ ରିଖ ରୁ ୩୦.୦୧.୨୦୧୯ ରିଖ ମଧ୍ୟରେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ତା ୩୦.୦୧.୨୦୧୯ ରିଖ ଅପରାହ୍ନ ୨.୦୦ ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ଆବେଦନ କରାଯାଇଥିବା ଦରଖାସ୍ତକୁ ସେହି ଦିନ ଅର୍ଥାତ ତା ୩୦.୦୧.୨୦୧୯ ରିଖ ଅପରାହ୍ନ ୩.୩୦ ଘଟିକା ସମୟରେ Tender Box ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ।

ଓଲଟାନ୍ତୁ ...ପୃ-୪

ସେହିପରି ଯଦି ଦ୍ୱିତୀୟଥର ମଧ୍ୟ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନଥାଏ କିମ୍ବା ସମସ୍ତ ଦରଖାସ୍ତଗୁଡିକ ଅଯୋଗ୍ୟ ବିବେଚିତ ହୁଏ ତେବେ ତୃତୀୟ ତଥା ଶେଷଥର ପାଇଁ ତା ୦୧.୦୨.୨୦୧୯ ରିଖ ରୁ ତା ୦୫.୦୨.୨୦୧୯ ରିଖ ମଧ୍ୟରେ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ ଦରଖାସ୍ତ ଦାଖଲ କରିପାରିବେ ଏବଂ ସମସ୍ତ ଦରଖାସ୍ତକୁ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ତା ୦୬.୦୨.୨୦୧୯ ରିଖ ଦିବା ଲ ୧୧.୩୦ ଘଟିକା ସମୟରେ Tender Box ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି କୌଣସି ସୈରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ ତେବେ, ଏହି ଦରଖାସ୍ତଟିକୁ ଖୋଲା ନ ଯାଇ ପରବର୍ତ୍ତି ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ । ଯଦି ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତୀତ, ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ଗ୍ରହଣ କରା ନାଯାଇଥାଏ,ତେବେ ସେହି ଏକକ ଦରଖାସ୍ତକୁ ଶେଷ ତାରିଖରେ ଖୋଲାଯିବ ।

ମନୋନୀତ ଆବେଦନକାରୀ ତିନି ମାସ ମଧ୍ୟରେ Mining Plan ତଥା Environmental Clearance ଦାଖଲ କାରୀ Form-N ରେ ନିଜସ୍ୱ ଖର୍ଚ୍ଚରେ ଚୁକ୍ତିପତ୍ର ସମ୍ପାଦନ କରିବା ବାଧ୍ୟତାମୂଳକ ଅଟେ । ଅନ୍ୟଥା ଆଇନ ଅନୁଯାୟୀ ଲିଜ୍ ନାକଚ ହେବ ଏବଂ ଅମାନତରାସୀ ସରକାରୀ ତହବିଲରେ ଜମା ହେବ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ State Pollution Control Board ର Consent to Operate Order ଏହି କାର୍ଯ୍ୟାଳୟରେ ଦାଖଲ କରିବାକୁ ହେବ । ବିନା Consent to operate Order ରେ ଲିଜଧାରୀ ଖଣିଜଦ୍ରବ୍ୟ ଉତୋଳନ କରିପାରିବେ ନାହିଁ ।

ଲିଜଧାରୀ ସଇରାତ ଉତ୍ସର Mining Plan ନକ୍ସା ଅନୁଯାୟୀ ଏହାର ସୀମାସରହଦ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ସୂଚନା ଫଳକ (Display Board) ଲଗାଇବେ ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ ରହିବା ।

ଲିଜଧାରୀ ଓଡିଶା ଲଘୁଖଣିଜ ଦ୍ରବ୍ୟ (ରିହାତି) ନିୟମ -୨୦୧୬ ର ଓ ତତ୍ପରବର୍ତି ସମସ୍ତ ସରକାରୀ ଓ ଅଦାଲତର ଆଦେଶ ମଣିବାକୁ ବାଧ୍ୟ ହେବେ ।

ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତନ କରିବାର ନିମ୍ନ ସାକ୍ଷରକାରୀଙ୍କର ରହିଛି । କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ସଂଲଗ୍ନ –Annexure-I

ତହସିଲଦାର, ପାତ୍ରପୁର

ଜ୍ଞାପକ ସଂଖ୍ୟା 238 ............ ତା 16.1.19

ଏହାର ଏକକିତା ନକଲ ସହ ସଇରାତ ଉସ୍ତର ବିବରଣୀ ତହସିଲ ନୋଟିସ୍ ବୋର୍ଡ/ଉପ-ଜିଲ୍ଲାପାଳ, ବ୍ରହ୍ମପୁର/ଜିଲ୍ଲାପାଳ, ଗଂଜାମ, ଛତ୍ରପୁର/ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପାତ୍ରପୁର/ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ପାତ୍ରପୁର/ସମସ୍ତ ରାଜସ୍ୱ ନିରୀକ୍ଷକ,ପାତ୍ରପୁର ତହସିଲକୁ, ଏହାର ବହୁଳ ପ୍ରଚାର ଏବଂ ପ୍ରସାର ନିମନ୍ତେ ତାଙ୍କର ବିଜ୍ଞାପନ ବୋର୍ଡରେ ପ୍ରଦର୍ଶିତ କରିବା ନିମନ୍ତେ ଅନୁରୋଧ ପୂର୍ବକ ପ୍ରେରଣ କରାଗଲା ।

ତହସିଲଦାର, ପାତ୍ରପୁର

Annexure-I

# PROFORMA

| | Name of the Tahasil | Name of the village/Mouza | Name of the Source | Type | Khata No. | Plot No. | Area in Acre | Rate of Royality per Cum ( for different type of Minor minerals with 5% additional Charge | MGQ | Solvency | EMD in Rs. 5% of (Col. No. 9*Col. 10 |
|---|---|---|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 | 12 |
| 1 | Patrapur | Budagada | Budagada, Stone quarry | Stone | 253 | 509 | Ac.4.750 | 137 | 700 | 500000 | 4795 |
| 2 | | Tinigharia | Tinigharia, Stone quarry | Stone | 42 | 46 | Ac.2.770 | 137 | 700 | 500000 | 4795 |
| 3 | | Antarasingi | Anatrasingi, Stone quarry | Stone | 604 | 4004, 4005, 4006, | Ac.0.251 | 137 | 700 | 500000 | 4795 |
| 4 | | Pitambarapur | Pitambarpur, Stone quarry | Stone | 102 | 77, 121 | Ac. 0.195 | 137 | 700 | 500000 | 4795 |
| 5 | | Kharanipada | Kharanipada, Stone quarry | Stone | 777 | 3493 | Ac.2.215 | 137 | 700 | 500000 | 4795 |
| 6 | | Gothagam | Gothagam, Stone quarry | Stone | 417 | 2346 | Ac.2.875 | 137 | 700 | 500000 | 4795 |
| 7 | | Baranga | Baranga Stone quarry | Stone | 960 | 1487, 1486, 1603, 1614 | Ac. 14.927 | 137 | 700 | 1000000 | 4795 |
| 8 | | Ch. Ch. Pur Sasan | Chaitanya Chandrapur Sasan, Sand Bed | Sand | 114 | 1034 | Ac.0.988 | 42 | 9760 | 500000 | 20496 |
| 9 | | Kharaniapda | Kharanipada, sand quarry | Sand | 777 | 1098 | Ac.1.000 | 42 | 2830 | 500000 | 5943 |

N.B :- The MGQ is subjected to be revised basing on the Mining Plan prepared by RQP

TAHASILDAR, PATRAPUR